# Akashvani, Sambalpur

## SAMBALPURI NEWS EVENING BULLETIN

**16 July 2025- 7.02 pm- 7.12 pm.**

*****************************************************

୧- କୃଷି କ୍ଷେତ୍ରର୍ ଉତ୍ପାଦନ୍ ବଢ଼ାବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍‌ନାକେ କେନ୍ଦ୍ର କେବିନେଟ୍‌ର ଅନୁମୋଦନ୍ ।

୨- ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଲୋକ୍‌ସେବା ଭବନ୍ ନ ଚାଲିଛେ ରାଜ୍ୟ କେବିନେଟ୍ ବୈଠକ୍ ।

୩- ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରୀ ଯୋଜ୍‌ନା ଲାଗି ଆଏବା କାଏଲ୍‌ଠାନୁ ମୁଲ୍ ହେବା ପଞ୍ଜିକରଣ୍ ।

୪- ବୌଦ୍ଧ ଠାନେ ଉଦ୍‌ଘାଟିତ୍ ହେଲା ଆନ୍ତଃଜିଲ୍ଲା ସାହାଣୀ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ।

ଆଉର୍

୫- ଉତର୍- ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ପ୍ରଭାବ୍‌ଥି ଆଏବା ଶନିବାର୍‌ତକ୍ ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷା ସମ୍ଭାବନା ।

କେନ୍ଦ୍ର କେବିନେଟ-ଧନ-ଧାନ୍ୟ ଯୋଜନା ଏନ୍‌ଏସ୍‌ଡି

ଦେଶେ କୃଷି କ୍ଷେତ୍ରର୍ ଉତ୍ପାଦନ୍ ବଢ଼ାବାର୍ ଲକ୍ଷ୍ୟଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ବସିଥିବା କେନ୍ଦ୍ର କେବିନେଟ୍ ବୈଠକ୍‌ଥି ଆଏଜ୍ 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା'କେ ଅନୁମୋଦନ୍ କରାଯାଇଛେ । ଫସଲ୍ ବିବିଧତା ଆଉ ସ୍ଥାୟୀ କୃଷି ପଦ୍ଧତି ବଢ଼ାବାର୍, ଅମଲ୍ ଉତ୍ତରର୍ ସଂରକ୍ଷଣ ବଢ଼ାବାର୍, ଜଲ୍‌ସେଚନ୍ ସୁବିଧାଥି ଉନ୍ନତି ଆନ୍‌ବାର୍ ଆଉ ଋଣ ସୁବିଧାକେ ସହଜ୍ କର୍‌ବାର୍‌ଟା ଇ ଯୋଜ୍‌ନାର ମୁଖ୍ୟ ଲକ୍ଷ୍ୟ ଆଏ । କମ୍ ଉତ୍ପାଦନ୍ କରୁଥିବା, କମ୍ ଚାଷ୍ ହଉଥିବା ଆଉ କମ୍ ଋଣ ନଉଥିବା ଦେଶର୍ ଶହେଟା ଜିଲ୍ଲାକେ ଯୋଜ୍‌ନାଥି ସାମିଲ କରାଯାଇକରି କୃଷି ଉତ୍ପାଦନ୍ ବଢ଼ାବାର ଲାଗି ଚେରେଷ୍ଟା କରାଯିବା । ଇ ଯୋଜ୍‌ନା ଲାଭ୍ ଦେଶର ୭୦ ଲାଖ୍ ଚାଷୀ ପାଇପାର୍‌ବେ ବଲି କେନ୍ଦ୍ର କେବିନେଟ୍ ବୈଠକ୍ ବାଦ୍‌ଦେ ସାମ୍ବାଦିକ୍ ସମ୍ମିଳନୀଥି ସୂଚ୍‌ନା ଦେଇକରି କେନ୍ଦ୍ର ସୂଚ୍‌ନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ୍ କହିଛନ୍ ।

(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍)

ସେନ୍ତା ଅକ୍ଷୟଶକ୍ତି କ୍ଷେତ୍ରଥି ୨୦ ହଜାର୍ କୋଟି ଟଙ୍କା ବିନିଯୋଗ୍ କର୍‌ବାର୍ ଲାଗି ଜାତୀୟ ତାପଜ ବିଦ୍ୟୁତ୍ ନିଗମ-ଏନ୍‌ଟିପିସିକେ ଅନୁମତି, ଏନ୍‌ସିଏଲ୍ ଇଣ୍ଡିଆ ଲିମିଟେଡ୍‌କେ ନବରତ୍ନ ଉଦ୍ୟୋଗ୍ ଲାଗି ଥିବା ନିୟମାବଳୀଥି କୋହଲ୍

ବାବଦ୍ ପ୍ରସ୍ତାବ୍‌କେ ଭିଲ୍ କେନ୍ଦ୍ର କେବିନେଟ୍ ଅନୁମୋଦନ୍ କରିଛେ ବଲି ଶ୍ରୀ ବୈଷ୍ଣବ୍ କହିଛନ୍ ।

କେନ୍ଦ୍ର କେବିନେଟ-ଶୁଭାଂଶୁ ଶୁକ୍ଳା ଏନ୍‌ଏସ୍‌ଡି

ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳାଙ୍କର୍ ଐତିହାସିକ୍ ମହାକାଶ ଅଭିଯାନ୍‌କେ ନେଇକରି ଆଏଜ୍ କେନ୍ଦ୍ର କେବିନେଟ୍ ବୈଠକ୍‌ଥି ଗୁଟେ ପ୍ରସ୍ତାବ ପାରିତ୍ ହେଇଛେ । ବିଶ୍ୱସ୍ତରର୍ ମହାକାଶ ଗବେଷଣା ସଂସ୍ଥାମାନ୍‌କର ସଙ୍ଗେ ମିଶିକରି ଇ ଅଭିଯାନ୍‌କେ ସଫଲ୍ କରିଥିବା ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ-ଇସ୍ରୋର୍ ବୈଜ୍ଞାନିକ୍ ଆଉ ଇଞ୍ଜିନିଅର୍‌ମାନ୍‌ଙ୍କୁ ଇ ଅବ୍‌ସରେ ପ୍ରଶଂସା କରାଯାଇଥିଲା । ଇ ବାବ୍‌ଦେ ସୂଚ୍‌ନା ଦେଇକରି କେନ୍ଦ୍ର ସୂଚ୍‌ନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ୍ କହିଛନ୍, ଶୁଭାଂଶୁ ଶୁକ୍ଳାଙ୍କର୍ ଇ ଅଭିଯାନ୍‌ର ସଫଲ୍‌ତା ଭାରତର୍ ମହାକାଶ କେନ୍ଦ୍ର ଥାପ୍‌ନା ଉଦ୍ୟମ୍ ଲାଗି ଆହୁରି ତହଁକ୍ ଭରି ଦେଇଛେ ।

(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍)

ସଂସଦ୍ ମୌସୁମୀ ଅଧିବେଶନ୍-ସର୍ବଦଳୀୟ ବୈଠକ୍

ଏନ୍ଏସ୍ଡି

ଆଏବା ୨୧ ତାରିଖ୍ ହେବାର୍କେ ଥିବା ସଂସଦ୍ର ମୌସୁମୀ ଅଧିବେଶନ୍କେ ନେଇକରି ଆଏବା ରଏବାର୍ ଦିନ ସର୍କାର୍ଙ୍କର୍ ତର୍ଫୁ ସର୍ବଦଳୀୟ ବୈଠକ୍ ଡକାଯାଇଛେ । ଆଏବା ଅଧିବେଶନ୍କେ ସୁରୁଖୁରୁଥି ପରିଚାଳନା କର୍ବାର୍ ଦିଗେ ସହଯୋଗ୍ କର୍ବାର୍ ଲାଗି ବୈଠକ୍ଥି ସର୍କାର୍ଙ୍କର୍ ତର୍ଫୁ ସବୁ ରାଜନୈତିକ୍ ଦଲ୍କେ ଅନୁରୋଧ୍ କରାଯିବା । ଜୁଲାଇ ୨୧ ନୁ ଅଗଷ୍ଟ ୨୧ ତାରିଖ୍ତକ୍ ହେବାର୍କେ ଥିବା ମୌସୁମୀ ଅଧିବେଶନ୍ଥି ବହୁତ୍ଟେ ଗୁରୁତ୍ୱପୂର୍ଣ୍ଣ ବିଧେୟକ୍ ଉପ୍ରେ ଆଲୋଚନା ହେବାର୍ ସମ୍ଭାବନା ରହିଛେ ।

ରାଜ୍ୟ କେବିନେଟ୍ ଭୁବ୍ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ରାଜ୍ୟ କେବିନେଟ୍ର ବୈଠକ୍ ଚାଲିଛେ । ବୈଠକ୍ଥି ବହୁତ୍ଟେ ଗୁରୁତ୍ୱପୂର୍ଣ୍ଣ ବିଷେଥି ଆଲୋଚନା ଚାଲିଛେ । ପୂର୍ତ୍ତ, ଜଲ୍ସମ୍ପଦ୍, ସ୍ୱାସ୍ଥ୍ୟ ବିଭାଗ୍ର

ସମ୍ମିଲିତ୍ ପ୍ରସ୍ତାବ୍ ମାନ୍‌କୁ ବୈଠକ୍‌ଥି ଅନୁମୋଦନ୍ କରାଯାଇପାରେ ବଲି ଆଶ୍ କରାଯାଉଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା ୨୧ ତାରିଖ୍ ସୋମ୍‌ବାର୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ତେଲ୍, ଚିନି ବୋର୍ଡ୍ ପି.ଆଇ.ବି.

ଲୁକ୍‌କର୍ ଉଜନ୍ ବଢ୍‌ବାର୍‌ଟା ଇହାଦେ ଦେଶେ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଦେଖାଦେଇଛେ । ଇତାର୍ ମୁକାବିଲା କର୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଟେ ସ୍ୱାସ୍ଥ୍ୟକର ଜୀବନ୍‌ଶୈଲୀ ଅପ୍‌ନାବାର୍‌କେ ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଆହ୍ୱାନ୍ ଉତ୍‌ରୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତର୍‌ଫୁ ଉଜନ୍ ବଢ୍‌ବାର୍ ମୁକାବିଲା ଦିଗେ ଆଏଜ୍ ଗୁଟେ ମାର୍ଗଦର୍ଶିକା ଜାରି କରାଯାଇଛେ । ମାର୍ଗଦର୍ଶିକା ଅନ୍‌ସାରେ ସବୁ

ମନ୍ତ୍ରଣାଳୟ, ବିଭାଗ୍, କାର୍ଯ୍ୟାଳୟ ଆଉ ଭିନ୍ ଭିନ୍ ଅନୁଷ୍ଠାନ୍‌ର କାର୍ଯ୍ୟାଳୟ ବାହାରେ ଖାଦ୍ୟଥି ଥିବା ତେଲ୍ ଆଉ ଚିନି ପରିମାଣ୍ ବାବଦ୍ ତାଲିକା ଥିବା ବୋର୍ଡ୍ ଲଗାଯିବା । କେନ୍ ଖାଦ୍ୟଥି କେତେ ପରିମାଣ୍‌ର ତେଲ୍ ଆଉ ଚିନି ରହିଛେ ସେ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯିବା ।

ସେଆଡ଼େ କେନ୍ଦ୍ରୀୟ ମାଧମିକ ଶିକ୍ଷା ବୋର୍ଡ୍ ତର୍‌ଫୁ ଭିଲ୍ ତାର୍ ଅଧୀନ୍‌ଥି ଥିବା ସ୍କୁଲ୍‌ମାନ୍‌କେ ଇ ବୋର୍ଡ୍ ଲଗାଯିବାର୍‌କେ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ ।

ସୁଶାସନ୍ ଅଭ୍ୟାସ-ଜାତୀୟ ସମ୍ମିଳନୀ ପି.ଆଇ.ବି.

ସୁଶାସନ୍ ଅଭ୍ୟାସ୍ ବିଷୟବସ୍ତୁ ଉପ୍‌ରେ ଆଏବା କାଏଲ୍‌ଠାନୁ ଭୁବ୍‌ନେଶ୍ୱର୍ ଠାନେ ୨ ଦିନିଆ ଜାତୀୟ ସମ୍ମିଳନୀ ମୁଲ୍ ହେବା । କେନ୍ଦ୍ର ପ୍ରଶାସନିକ୍ ସଂସ୍କାର୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ହେବାର୍‌କେ ଥିବାର୍ ସମ୍ମିଳନୀକେ କେନ୍ଦ୍ର କାର୍ମିକ ଆଉ ସାଧାରଣ ଅଭିଯୋଗ୍ ରାଷ୍ଟ୍ରମନ୍ତ୍ରୀ ଡାକ୍ତର୍ ଜିତେନ୍ଦ୍ର ସିଂ ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମିଶିକରି ଉଦ୍‌ଘାଟନ୍ କର୍‌ବେ ।

ଶପଥ ଗ୍ରହଣ        ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ହାଇକୋର୍ଟର ନୂଆଁ ବିଚାର୍‌ପତି ଭାବେ ଜଷ୍ଟିସ୍ ମାନସ ରଞ୍ଜନ୍ ପାଠକ ଆଏବା ସୋମ୍‌ବାର୍ ଦିନ ଶପଥ ଗ୍ରହଣ୍ କର୍‌ବେ । ସଖାଲର୍ ୧୦ ବଜେ ହାଇକୋର୍ଟ ସମ୍ମିଲନୀ କକ୍ଷ ନ ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ହରୀଶ ଟଣ୍ଡନ୍ ତାଙ୍କୁ ଶପଥ୍ ପାଠ୍ କରାବେ । ସୂଚ୍‌ନା ଅନ୍‌ସାରେ ଜଷ୍ଟିସ୍ ପାଠକଙ୍କର୍ ଗୌହାଟୀ ହାଇକୋର୍ଟନୁ ଓଡ଼ିଶା ହାଇକୋର୍ଟକେ ବଦ୍‌ଲି ହେଇଛେ ।

ତୀର୍ଥଯାତ୍ରା ଯୋଜ୍‌ନା ପଞ୍ଜିକରଣ୍        I&PR

୨୦୨୫-୨୬ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଲାଗି ଆଏବାକାଏଲ୍‌ଠାନୁ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେବା । ଇଟା ଅଗଷ୍ଟ ୧୫ ତାରିଖ୍‌ତକ୍ ଚାଲ୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ଗୁଟେ ସାମ୍ବାଦିକ୍ ସମ୍ମିଲନୀ ଜରିଏ ଶ୍ରୀମତୀ ପରିଡ଼ା ଇ ବାବ୍‌ଦେ ସୂଚ୍‌ନା ଦେଇକରି କହିଛନ୍, ଯୋଜ୍‌ନାଥି ସାମିଲ୍ ହେବାର୍‌କେ ଦମ୍ପତି ଭିତ୍‌ରୁ ଝନେକେ ୬୦ ବଛର୍ ବୟସ୍‌ନୁ ଅଏତ୍‌କା ହେବାର୍ ଜରୁରୀ ଆଏ । ତୀର୍ଥଯାତ୍ରା

ଲାଗି ଇଚ୍ଛୁକ ବରିଷ୍ଠ ନାଗରିକ୍‌ମାନେ yatra.odisha.gov.in ପୋର୍ଟାଲ୍‌ଥି ଅନ୍‌ଲାଇନ୍ ଆବେଦନ୍ କରିପାର୍‌ବେ । ଇତାର୍ ସହେତେ ଜିଲ୍ଲା ଆଉ ବ୍ଲକ୍ ପ୍ରଶାସନ୍ ପାଖେ ଭିଲ୍ ଅଫ୍‌ଲାଇନ୍‌ଥି ଆବେଦନ୍ କରିପାର୍‌ବେ । ସେନ୍ତା ଅଏତ୍‌କା ସୂଚ୍‌ନା ଲାଗି ପର୍ଯ୍ୟଟନ୍ ବିଭାଗ୍‌ର ୱେବ୍‌ସାଇଟ୍ dot.odisha.gov.in ଥି ଲଗ୍‌ଇନ୍ କରିପାର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ରଥ୍‌ଯାତ୍ରା ଦଲାଚକ୍‌ଟା ଘଟ୍‌ନା ତଦନ୍ତ ପୁରୀ ସମ୍ବାଦଦାତା

ପୁରୀ ରଥ୍‌ଯାତ୍ରା ଦଲାଚକ୍‌ଟା ଘଟ୍‌ନାକେ ନେଇକରି ଆଏଜ୍ ଦୁଇ ନମ୍ବର୍ ଦିନେ ଭିଲ୍ ତଦନ୍ତ୍ ଅଧିକାରୀ ଆଉ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ପୁଲିସ୍ ଆଉ ଶ୍ରୀମନ୍ଦିର୍ ପ୍ରଶାସନିକ୍ ଅଧିକାରୀମାନ୍‌କର୍ ଠାନୁ ସାକ୍ଷ୍ୟ ଗ୍ରହଣ୍ କରିଛନ୍ । ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍ ଠାନେ କମିଶନର୍‌ଙ୍କର୍ ସାମ୍ନା ନ ଘଟ୍‌ନାଥି ନିଲମ୍ବିତ୍ ୨ ଝନ୍ ପୁଲିସ୍ ଅଧିକାରୀ ସାକ୍ଷୀ ଆଉ ତଥ୍ୟ ଉପସ୍ଥାପନ୍ କରିଛନ୍ । ଗଲାକାଏଲ୍ ୪୦ ଝନ୍ ଅଧିକାରୀ ତଦନ୍ତ ଅଧିକାରୀଙ୍କୁ ସାକ୍ଷ୍ୟ ପ୍ରମାଣ୍ ଦେଇଥିଲେ । ଘଟ୍‌ନାଥି ତଦନ୍ତ୍ ଅଧିକାରୀ

ଏବ୍‌ତକ୍ ଶହେ ୪୭ ଝନ୍‌କର୍ ଠାନୁ ସାକ୍ଷ୍ୟ ଆଉ ତଥ୍ୟ ଗ୍ରହଣ୍ କରିସାରିଛନ୍ ।

ଆର୍.ସି.ସି.ଏଫ୍ ବୌଦ୍ଧ ଗସ୍ତ ବୌଦ୍ଧ ସମ୍ବାଦଦାତା

ବନ ବିଭାଗ୍ ଆର୍.ସି.ସି.ଏଫ୍ ଭି. ନିଳାମ୍ବାବର ଆଏଜ୍ ବୌଦ୍ଧ ଜିଲ୍ଲା ଗସ୍ତ କରିକରି ଭିନ୍ ଭିନ୍ ପ୍ରକଳ୍ପର୍ ପରିଦର୍ଶନ୍ ଆଉ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ଆର୍.ସି.ସି.ଏଫ୍ ବୌଦ୍ଧ ବନଖଣ୍ଡ ତର୍‌ଫୁ ହେଇଥିବା ବୃକ୍ଷରୋପଣ୍ ଆଉ ୱାଚ୍ ଟାୱାର୍ ବୁଲି ଦେଖିଥିଲେ । ଇ ଅବ୍‌ସରେ ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେଇକରି ଗଛ୍ ଲଗେଇଥିଲେ । ସେନ୍ତା ବାମଣ୍ଡା ମେଗା ନର୍ସରୀ, ବୀର ନରସିଂହପୁର ସ୍ଥାୟୀ ନର୍ସରୀ ବୁଲି ଦେଖିଥିଲେ । ରାଣୀଗଞ୍ଜ ଗୋରାସାହି ଗ୍ରାମ୍ୟ ଜଙ୍ଗଲ୍ ନ ସବୁଜ ମହାନଦୀ କୃତ୍ରିମ ବନୀକରଣ୍ ଯୋଜ୍‌ନାଥି ୨୫ ହଜାର୍ ବୃକ୍ଷରୋପଣ୍ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିଥିଲେ ।

ଆବାସ କାର୍ଯ୍ୟାଦେଶ ବଂଟନ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ଏନ୍ଏସି ଠାନେ ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନାର୍ କାର୍ଯ୍ୟାଦେଶ୍ ବଂଟନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଏନ୍ଏସି ଅଧ୍ୟକ୍ଷାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି କଲାହାଣ୍ଡି ସାଂସଦ୍ ମାଳବିକା ଦେବୀ ଯୋଗ୍‌ଦେଇକରି ହିତାଧିକାରୀମାନ୍‌କୁ କାର୍ଯ୍ୟାଦେଶ୍ ବାଂଟିଛନ୍ ।

ରାଜସ୍ୱ ସମୀକ୍ଷା ବୈଠକ        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍ କବିନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲା ନ ଜୁନ୍ ମାସେ ଧାରିଜ୍ ଭିନ୍ ଭିନ୍ ବକେୟା ରାଜସ୍ୱ ଆଦାୟ ବାବ୍‌ଦେ ଆଲୋଚନା କରାଯାଇଥିଲା । ଇଥି ରାଜସ୍ୱ ଆଉ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ୍ ରହିକରି ତଥ୍ୟ ଉପସ୍ଥାପନ୍ କରିଥିଲେ ।

ସାହାଣୀ କପ୍ ଟୁର୍ଣ୍ଣାମେଂଟ        ବୌଦ୍ଧ ସମ୍ବାଦଦାତା

୬୪ ନମ୍ବର୍ ପୁରୁଷ ଅନ୍ତଃଜିଲ୍ଲା ଫୁଟ୍‌ବଲ୍ ଚମ୍ପିଆନ୍‌ସିପ୍ -୨୦୨୫ ସାହାଣୀ କପ୍ ବୌଦ୍ଧ ଜିଲ୍ଲା ଷ୍ଟାଡ଼ିୟମ୍ ଠାନେ ଉଦ୍‌ଘାଟିତ୍

ହେଇଛେ । ଓଡ଼ିଶା ଫୁଟ୍‌ବଲ୍ ଆସୋସିଏସନ୍ ଆଉ ରାଜ୍ୟ କ୍ରୀଡ଼ା ବିଭାଗ୍‌ର ମିଲିତ୍ ସହଯୋଗ୍‌ଥି ଆୟୋଜିତ ପ୍ରତିଯୋଗିତା ରାଜ୍ୟର୍ ୪ ଟା ଜାଗା ନ ମୁଲ୍ ହେଇଛେ । ଆଝିରର୍ କାର୍ଯ୍ୟକ୍ରମ୍‌କେ ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଆଉ କନ୍ଧମାଲ୍ ସାଂସଦ୍ ସୁକାନ୍ତ କୁମାର୍ ପାଣିଗ୍ରାହୀ ଉଦ୍‌ଘାଟନ୍ କରିଛନ୍ । ଟୁର୍ଣ୍ଣାମେଂଟ୍‌ଥି ସମ୍ବଲ୍‌ପୁର୍, ବର୍‌ଗଡ଼୍, ଦେବ୍‌ଗଡ଼୍, ବଲାଙ୍ଗିର୍, ନୂଆପଡ଼ା, କଲାହାଣ୍ଡି, ବୌଦ୍ଧ, କନ୍ଧମାଲ୍, ନୟାଗଡ଼୍ ଦଲ୍ ଭାଗ୍ ନେଇଛନ୍ । ଆଝିରର୍ ଉଦ୍‌ଘାଟନୀ ମେଚ୍ ସମ୍ବଲ୍‌ପୁର୍ ଆର୍ କନ୍ଧମାଲ୍ ଆଉ ଆଉ ଗୁଟେ ମେଚ୍ ବୌଦ୍ଧ ଆଉ ନୂଆପଡ଼ା ଭିତ୍‌ରେ ହେଇଥିଲା । ପହେଲା ମେଚ୍‌ଥି ୩-ଶୂନ୍ ଗୋଲ୍‌ଥି ସମ୍ବଲ୍‌ପୁର୍ ଦଲ୍ ଜିତିଛେ ।

କଲେଜ୍- ସଚେତନତା ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଡିଗ୍ରୀ ମହିଳା କଲେଜ୍ ଜାତୀୟ ସେବା ଯୋଜ୍‌ନା ମହିଳା ୟୁନିଟ୍ ତର୍‌ଫୁ ଯୌନ ନିର୍ଯ୍ୟାତନା ନିରୋଧୀ ସଚେତନତା ଶିବିର ହେଇଯାଇଛେ । ଯୋଜ୍‌ନା ଅଧିକାରୀ ପୁଷ୍ପାଞ୍ଜଳି ପ୍ରଧାନୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି କଲେଜ୍ ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ ମୁଖ୍ୟଅତିଥି

ଭାବେ ଯୋଗ୍ ଦେଇକରି ଖରାପ୍ ବେଭାର୍ ଦିଗେ ସତର୍କ ରହେବାର୍‌କେ ଛାତ୍ରୀମାନ୍‌କୁ ଆହ୍ୱାନ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍- ପଶ୍ଚିମ ବଙ୍ଗୋପ୍‌ସାଗର୍, ପଶ୍ଚିମବଙ୍ଗ ଆଉ ଓଡ଼ିଶାର୍ ସମୁଦ୍ରଖଁଡ଼ି ଇଲାକା ନ ହେଇଥିବା ଅବପାତ ଦୁର୍ବଲ୍ ହେଇକରି ଲଘୁଚାପ୍ ହେଇଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ମଧ୍ୟମ୍‌ନୁ ଜବର୍ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ଜଗତ୍‌ସିଂହପୁର, ଆଉ ଭବାନୀପାଟ୍‌ନା ନ ଜବର୍ ବର୍ଷା ହେଇଯାଇଛେ । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, କେନ୍ଦୁଝର୍ ଆଉ ମୟୁର୍‌ଭଞ୍ଜ ଜିଲ୍ଲା ନ ଆଏଜ୍ ଜବର୍ ବର୍ଷା ହେଇପାରେ । ଆଏବା ଶନିବାର୍ ତକ୍ ରାଏଜେ ବର୍ଷାର୍ ପ୍ରଭାବ୍ ଲାଗି ରହେବା ଆଉ ରଏବାର୍ ନୁ ବର୍ଷାର୍ ପରିମାଣ୍ କମ୍‌ବା । ଗଲା ୨୪ ଘଂଟା ଭିତ୍‌ରେ କେନ୍ଦୁଝର ଜିଲ୍ଲାର୍ ତେଲ୍‌କୋଇ ଠାନେ ସବୁନୁ ଜହ ଶହେ ୨୪ ଦଶ୍‌ମିକ୍ ୬ ମିଲିମିଟର୍ ବର୍ଷା ରେକର୍ଡ଼୍ କରାଯାଇଛେ ।